[2010] 14 (ADDL) S.C.R. 244

ମେସର୍ସ ଶାଲିମାର ଗ୍ୟାସ୍ ଏବଂ ଅନ୍ୟମାନେ

ବନାମ

ମେସର୍ସ ଭାରତୀୟ ତୈଳ ନିଗମ ଲିମିଟେଡ୍ ଏବଂ ଅନ୍ୟ ଜଣେ

(ଦେୱାନୀ ଅପିଲ ସଂଖ୍ୟା 10124/2010)

ନଭେମ୍ବର 29, 2010

[ମାର୍କଣ୍ଡେୟ କାଟଜୁ ଏବଂ ଜ୍ଞାନ ସୁଧା ମିଶ୍ରା, ନ୍ୟାୟାଧୀଶଦ୍ୱୟ]

*ସାର୍ବଜନୀନ ବିତରଣ- ଯୁଦ୍ଧବିଧବାଙ୍କୁ ଏକମାତ୍ର ସ୍ୱତ୍ୱାଧିକାରୀ ଭାବରେ ଗ୍ୟାସ ସଂସ୍ଥାର ଆବଣ୍ଟନ - ପରେ ଆବଣ୍ଟନଗ୍ରାହୀ ବ୍ୟକ୍ତି ଯଥାକ୍ରମେ 51% ଏବଂ 49% ଅଂଶଧନ ଥିବା ଜଣେ ବ୍ୟକ୍ତିଙ୍କ ସହ ଭାଗିଦାରୀରେ ପ୍ରବେଶ କରିଛନ୍ତି – ବିତରଣ ଅଧିକାରର ବାତିଲ - ରାୟ ଦିଆଗଲା ଯେ: ବିତରଣ ଅଧିକାରର ବାତିଲ କରିବା ଠିକ୍ ନଥିଲା - ଆବଣ୍ଟନଗ୍ରାହୀ ବ୍ୟକ୍ତି ଭାଗିଦାରୀ ଉପରେ ନିୟନ୍ତ୍ରଣ ହରାଇଛନ୍ତି ବୋଲି କୁହାଯାଇପାରିବ ନାହିଁ - ତାଙ୍କର ବୃଦ୍ଧାବସ୍ଥା ଏବଂ ଅସୁସ୍ଥ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏବଂ ଏହି ସଂସ୍ଥା ତାଙ୍କ ଆୟର ଏକମାତ୍ର ଉତ୍ସ ଥିଲା, ତେଣୁ ମାନବିକ ଦୃଷ୍ଟିକୋଣ ଗ୍ରହଣ କରାଯିବା ଉଚିତ - ବିଧବା ଏବଂ ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କ ମାମଲାରେ ଆଇନ ଅଧିକ ଉଦାରବାଦୀ ଦୃଷ୍ଟିକୋଣ ଗ୍ରହଣ କରିବା ଉଚିତ ।*

**ଅପିଲକାରୀ ସଂଖ୍ୟା 2, ଜଣେ ଯୁଦ୍ଧବିଧବାଙ୍କୁ ଅପିଲକାରୀ ସଂଖ୍ୟା 1 ର ଏକମାତ୍ର ସ୍ୱତ୍ୱାଧିକାରୀ ଭାବରେ ଏକ ଗ୍ୟାସ ସଂସ୍ଥା ଆବଣ୍ଟିତ କରାଯାଇଥିଲା । ପରେ, ସେ ଅପିଲକାରୀ ସଂଖ୍ୟା 3 ସହିତ ଯଥାକ୍ରମେ 51% ଏବଂ 49% ଅଂଶଧନ ସହିତ ଏକ ଭାଗିଦାରୀରେ ସାମିଲ ହୋଇଥିଲେ । ଉତ୍ତରଦାତା-ନିଗମ ଆବେଦନକାରୀଙ୍କ ବିତରକ ଅଧିକାରକୁ ଏହି ଆଧାରରେ ବାତିଲ କରିଥିଲେ ଯେ ଅପିଲକାରୀ ସଂଖ୍ୟା 2 ଭାଗିଦାରୀ ସଂସ୍ଥା ଉପରେ ନିୟନ୍ତ୍ରଣ ହରାଇଥିଲେ କାରଣ ସେ ବିତରକ ଅଧିକାର ଚୁକ୍ତିନାମାର ନିୟମ ଏବଂ ସର୍ତ୍ତାବଳୀ ଉଲ୍ଲଙ୍ଘନ କରି ବିତରକ ଅଧିକାରକୁ ହସ୍ତାନ୍ତର କରିଥିଲେ । ବାତିଲ ଆଦେଶକୁ ଆପତ୍ତି କରି ଅପିଲକାରୀ ସଂଖ୍ୟା 2 ଦ୍ୱାରା ଦାଖଲ କରାଯାଇଥିବା ଆଜ୍ଞାଦେଶ ଅପିଲ ଉଚ୍ଚ ନ୍ୟାୟାଳୟର ଏକକ ବିଚାରପତିଙ୍କ ଦ୍ୱାରା ଖାରଜ କରାଯାଇଥିଲା ଏବଂ ଏକକ ବିଚାରପତିଙ୍କ ଆଦେଶକୁ ଏକ ଆଜ୍ଞାଦେଶ ଆବେଦନରେ ସମର୍ଥନ କରାଯାଇଥିଲା । ତେଣୁ, ବର୍ତ୍ତମାନର ଅପିଲ ଦାଖଲ କରାଯାଇଥିଲା ।**

ଶାଲିମାର ଗ୍ୟାସ୍ ଏବଂ ଅନ୍ୟମାନେ ବନାମ ଭାରତୀୟ ତୈଳ ନିଗମ ଲିମିଟେଡ଼ ଏବଂ ଅନ୍ୟ ଜଣେ

[ନ୍ୟାୟାଧୀଶ ମାର୍କଣ୍ଡେୟ କାଟଜୁ]

**ଆବେଦନକୁ ମଞ୍ଜୁର ଦେଇ, ନ୍ୟାୟାଳୟ**

**ନିର୍ଣ୍ଣୟ ନେଲେ ଯେ :ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଏବଂ ଉଚ୍ଚ ନ୍ୟାୟାଳୟର ଏକକ ବିଚାରପତିଙ୍କ ରାୟକୁ ବଜାୟ ରଖାଯାଇପାରିବ ନାହିଁ । ଏହା କହିବା ଠିକ୍ ନୁହେଁ ଯେ ଅପିଲକାରୀ ସଂଖ୍ୟା 2 ଭାଗିଦାରୀ ସଂସ୍ଥା ଉପରେ ନିୟନ୍ତ୍ରଣ ହରାଇଥିଲେ । ଏହା ଏକ ସ୍ୱୀକାରଯୋଗ୍ୟ ତଥ୍ୟ ଯେ ଅପିଲକାରୀ ସଂଖ୍ୟା 2 ଏବେ ମଧ୍ୟ ଏହି ସଂସ୍ଥାରେ 51% ଅଂଶଧନ ରଖିଛନ୍ତି । କେବଳ ସେ ଜଣେ ବିଧବା ବୃଦ୍ଧ ମହିଳା ହୋଇଥିବାରୁ, ଏହା ସ୍ୱାଭାବିକ ଯେ ସେ ସଂସ୍ଥାର ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିପାରିଲେ ନାହିଁ । ଉତ୍ତରଦାତା-ନିଗମ ଭାଗିଦାରୀ ସଂସ୍ଥାର ପୁନର୍ଗଠନ ପାଇଁ ଅନୁମୋଦନ ପ୍ରଦାନ କରିଥିଲେ । ଏହା ପରେ, ଅପିଲକାରୀ ସଂଖ୍ୟା 1 ସହିତ ଅପିଲକାରୀ ସଂଖ୍ୟା 2 ଏବଂ 3 ଅଂଶୀଦାର ଭାବରେ ଏବଂ ଉତ୍ତରଦାତା ସଂଖ୍ୟା 1 ମଧ୍ୟରେ ଏକ ଆନୁଷ୍ଠାନିକ ଚୁକ୍ତି ହୋଇଥିଲା । ଏହା ବାସ୍ତବ ଯେ ଗ୍ୟାସ୍ ସଂସ୍ଥା ତାଙ୍କ ଜୀବିକାର ଏକମାତ୍ର ଉତ୍ସ କିନ୍ତୁ ଉତ୍ତରଦାତାମାନେ ଏହି ପ୍ରସଙ୍ଗରେ ମାନବିକ ଦୃଷ୍ଟିକୋଣ ଗ୍ରହଣ କରିନାହାଁନ୍ତି । ବିଧବା, ଶାରୀରିକ ଭାବରେ ଅକ୍ଷମ ବ୍ୟକ୍ତି ଇତ୍ୟାଦିଙ୍କ ମାମଲାରେ ଆଇନକୁ ଅଧିକ ଉଦାରବାଦୀ ଦୃଷ୍ଟିକୋଣ ଗ୍ରହଣ କରିବା ଉଚିତ ।**

ଦେୱାନୀ ଅପିଲୀୟ ଅଧିକାରିତା :ଦେୱାନୀ ଅପିଲ ସଂଖ୍ୟା 10124/2010 ।

2010ର LPA ସଂଖ୍ୟା ୨୧୬ ରେ ନୂଆଦିଲ୍ଲୀସ୍ଥିତ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର 6.5.2010ର ରାୟ ଏବଂ ଆଦେଶରୁ ଏହି ଅପିଲ ।

ଆବେଦନକାରୀଙ୍କ ପାଇଁ ଶୋଭା ଦୀକ୍ଷିତ, ସନ୍ଦୀପ ଶ୍ରୀବାସ୍ତବ, ବ୍ରଜ କିଶୋର ମିଶ୍ର, ଉଜ୍ଜ୍ୱଳ ଝା, ଅପର୍ଣ୍ଣା ଝା, ବିକ୍ରମ ପାତ୍ରବଖ, ଅଭିଷେକ ଯାଦବ ।

ଉତ୍ତରଦାତାଙ୍କ ପାଇଁ ଅଭିନବ ବଶିଷ୍ଠ, ରଜତ ନାଭେତ୍, ରମଣ କୁମାର, ପ୍ରଦୀପ କୁମାର ବକ୍ସି ।

ନ୍ୟାୟାଳୟଙ୍କ ଦ୍ୱାରା ରାୟ ପ୍ରଦାନ କରାଗଲା

ନ୍ୟାୟାଧୀଶ ମାର୍କଣ୍ଡେୟ କାଟଜୁ, 1.ଅନୁମତି ମଞ୍ଜୁର କରାଗଲା ।

2. ଏହି ଅପିଲ LPA ସଂଖ୍ୟା 216/2010 ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର 6.5.2010 ତାରିଖରେ ହୋଇଥିବା ଆକ୍ଷେପିତ ରାୟ ଏବଂ ଆଦେଶ ବିରୁଦ୍ଧରେ ଦାୟର କରାଯାଇଛି ।

3. ପକ୍ଷମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ କଥା ଶୁଣିଲେ ଏବଂ ରେକର୍ଡକୁ ଅନୁଧ୍ୟାନ କଲେ ।

4. ମାମଲାର ତଥ୍ୟ ଆକ୍ଷେପିତ ରାୟରେ ଉଲ୍ଲେଖ କରାଯାଇଛି ଏବଂ ତେଣୁ ଆବଶ୍ୟକ ସ୍ଥାନ ବ୍ୟତୀତ ଆମେ ଏଠାରେ ସମାନ କଥା ପୁନରାବୃତ୍ତି କରୁନାହୁଁ ।

5. ଆମ ସମ୍ମୁଖରେ ଅପିଲକାରୀ ସଂଖ୍ୟା 2, ଶ୍ରୀମତୀ ଅରୁଣା ନନ୍ଦ, ସ୍ୱର୍ଗତ ଦଳ ପ୍ରମୁଖ ନନ୍ଦଙ୍କ ବିଧବା ପତ୍ନୀ, ଯିଏ 1978 ମସିହାରେ ତାଙ୍କ କର୍ତ୍ତବ୍ୟ ସମୟରେ ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ତାଙ୍କୁ ମେସର୍ସ ଶାଲିମାର ଗ୍ୟାସ୍, ଅପିଲକାରୀ ସଂଖ୍ୟା 1ର ଏକମାତ୍ର ସ୍ୱତ୍ୱାଧିକାରୀ ଭାବରେ ଭାରତୀୟ ଗ୍ୟାସ୍ ବିତରଣ ଦାୟିତ୍ୱ ଦିଆଯାଇଥିଲା । ସେ 2003 ମସିହା ନିଜେ କିମ୍ବା ତାଙ୍କର ଦୁଇ ଝିଅଙ୍କ ସହାୟତାରେ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ ।

6. 26.2.2003 ରେ, ଅପିଲକାରୀ ସଂଖ୍ୟା 1, ଅର୍ଥାତ୍ ମେସର୍ସ ଶାଲିମାର ଗ୍ୟାସ୍ ସେବା, ଅପିଲକାରୀ ସଂଖ୍ୟା 2 ସହିତ ଏବଂ ତାଙ୍କ ଦୁଇ ଝିଅଙ୍କୁ ଭାଗୀଦାର ଭାବରେ ଏକ ସହଭାଗୀ ସଂସ୍ଥାରେ ରୂପାନ୍ତର କରାଯାଇଥିଲା । ତାଙ୍କ ଝିଅମାନଙ୍କ ବିବାହ ପରେ, 21.12.2006ରେ ଅପିଲକାରୀ ସଂଖ୍ୟା 2 ଯଥାକ୍ରମେ 51 ପ୍ରତିଶତ ଏବଂ 49 ପ୍ରତିଶତ ଅଂଶ ସହିତ ଅପିଲକାରୀ ସଂଖ୍ୟା 3 ଅନିଲ କୁମାରଙ୍କ ସହ ଏକ ସହଭାଗୀତା କରିଥିଲେ ।

7. ଉତ୍ତରଦାତା-ନିଗମ ଏକ ତଦନ୍ତ କରିଥିଲେ ଏବଂ ଏହି ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ ଅପିଲକାରୀ ସଂଖ୍ୟା 2 ବିତରଣ ଚୁକ୍ତିନାମାର ନିୟମ ଏବଂ ସର୍ତ୍ତାବଳୀ ଉଲ୍ଲଙ୍ଘନ କରି ବିତରଣକାରୀଙ୍କୁ ନ୍ୟସ୍ତ / ହସ୍ତାନ୍ତର କରିଥିଲେ ଏବଂ ନିଗମକୁ ମିଥ୍ୟା ବିବରଣୀ ପ୍ରଦାନ କରି ଫାର୍ମର ପୁନଃଗଠନ ପାଇଁ ଅନୁମୋଦନ ପାଇଥିଲେ । ତେଣୁ ଆବେଦନକାରୀଙ୍କ ବିତରଣକୁ 9.11.2009ରେ ବାତିଲ କରାଯାଇଥିଲା ।

8. ଏଥିରେ ଆପତ୍ତି କରି, ଅପିଲକାରୀ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ବିଜ୍ଞ ଏକକ ବିଚାରପତିଙ୍କ ସମ୍ମୁଖରେ ଏକ ଆଜ୍ଞାଦେଶ ଅପିଲ ଦାଖଲ କରିଥିଲେ ଯାହା 23.3.2010ରେ ଖାରଜ ହୋଇଥିଲା । ଏହା ପରେ ଅପିଲକାରୀ ବିଜ୍ଞ ଦୁଇଜଣିଆ ଖଣ୍ଡପୀଠ ସମ୍ମୁଖରେ ଏକ ଆଜ୍ଞାଦେଶ ଅପିଲ ଦାଖଲ କରିଥିଲେ ଯାହାକୁ ମଧ୍ୟ ଆକ୍ଷେପିତ ରାୟ ଦ୍ୱାରା ଖାରଜ କରାଯାଇଥିଲା । ତେଣୁ, ଏହି ଅପିଲ ।

ଶାଲିମାର ଗ୍ୟାସ୍ ଏବଂ ଅନ୍ୟମାନେ ବନାମ ଭାରତୀୟ ତୈଳ ନିଗମ ଲିମିଟେଡ୍ ଏବଂ ଅନ୍ୟ ଜଣେ
[ନ୍ୟାୟାଧୀଶ ମାର୍କଣ୍ଡେୟ କାଟଜୁ]

9.ଆମ ମତରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ବିଜ୍ଞ ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଏବଂ ବିଜ୍ଞ ଏକକ ବିଚାରପତିଙ୍କ ରାୟକୁ ବଜାୟ ରଖାଯାଇପାରିବ ନାହିଁ ।

10. ଅପିଲକାରୀ ସଂଖ୍ୟା 2, ସ୍ୱୀକାର କରିଛନ୍ତି ଯେ, ଜଣେ ଯୁଦ୍ଧ ବିଧବା ଥିଲେ ଯାହାଙ୍କୁ 1986 ମସିହାରେ ଭାରତୀୟ ଗ୍ୟାସର ବିତରକ ଭାବରେ ଜୀବିକା ନିର୍ବାହର ଏକ ଉତ୍ସ ଦିଆଯାଇଥିଲା ଏବଂ ବର୍ତ୍ତମାନ ସେ ଅନେକ ରୋଗରେ ପୀଡିତ ଥିବା ଜଣେ ବୃଦ୍ଧା ମହିଳା । ଜଣେ ବୃଦ୍ଧା ମହିଳା ହୋଇଥିବାରୁ ଏବଂ ତାଙ୍କର ଅସୁସ୍ଥ ସ୍ୱାସ୍ଥ୍ୟ ଯୋଗୁଁ ସେ ଜଣେ ସକ୍ରିୟ ଅଂଶୀଦାର ହୋଇପାରିବେ ନାହିଁ ଏବଂ ତେଣୁ ସେ ଫାର୍ମର ଦୈନନ୍ଦିନ ପରିଚାଳନା ପାଇଁ ଉପଲବ୍ଧ ନଥିଲେ । ତଥାପି, ସେ ଫାର୍ମର ଅଧିକାଂଶ ଅଂଶଧନ ଧାରଣ କରିଥିଲେ ।

୧୧. ଉତ୍ତରଦାତା-ନିଗମର ଯୁକ୍ତି ଥିଲା ଯେ ବିକ୍ରୟ ଚୁକ୍ତିନାମା ଅନୁଯାୟୀ, ଅପିଲକାରୀ ସଂଖ୍ୟା 2 ବିତରଣକାରୀଙ୍କୁ ବିକ୍ରୟ କରିପାରିବେ ନାହିଁ କିମ୍ବା ଏହା ଉପରେ ନିୟନ୍ତ୍ରଣ ହରାଇପାରିବେ ନାହିଁ । ଉଚ୍ଚ ନ୍ୟାୟାଳୟ ରାୟ ଦେଲେ ଯେ ଅପିଲକାରୀ ସଂଖ୍ୟା 2 ଭାଗିଦାରୀ ଫାର୍ମର ନିୟନ୍ତ୍ରଣ ହରାଇଥିଲେ । ଆମେ ଏଥିରେ ସହମତ ନୁହଁ ।

12. ଏହା ସ୍ୱୀକାରଯୋଗ୍ୟ ତଥ୍ୟ ଯେ ଅପିଲକାରୀ ସଂଖ୍ୟା 2 ଏବେ ବି ଫାର୍ମରେ 51% ଅଂଶଧନ ରଖିଛନ୍ତି । କେବଳ ଜଣେ ବୃଦ୍ଧା ମହିଳା ଯିଏକି ଜଣେ ବିଧବା, ଏହା ସ୍ୱାଭାବିକ ଯେ ସେ ଫାର୍ମର ଦୈନନ୍ଦିନ କାର୍ଯ୍ୟକାରିତାକୁ ପରିଚାଳନା କରିପାରୁନଥିଲେ । 15.12.2006 ତାରିଖର ଚିଠି ଦ୍ୱାରା ଉତ୍ତରଦାତା-ନିଗମ ଭାଗିଦାରୀ ଫାର୍ମ, ଅର୍ଥାତ୍ ମେସର୍ସ ଶାଲିମାର ଗ୍ୟାସ୍ ସେବାର ପୁନର୍ଗଠନ ପାଇଁ ଏହାର ଅନୁମୋଦନ ପ୍ରଦାନ କରିଥିଲେ । ଏହା ପରେ 15.2.2007ରେ ଅପିଲକାରୀ ସଂଖ୍ୟା 1 ସହିତ ଅପିଲକାରୀ ସଂଖ୍ୟା 2 ଏବଂ 3 ଏବଂ ଉତ୍ତରଦାତା ସଂଖ୍ୟା 1 ମଧ୍ୟରେ ଏକ ଔପଚାରିକ ଚୁକ୍ତି ହୋଇଥିଲା । ଏହା ବାସ୍ତବ ଯେ ଗ୍ୟାସ୍ ସଂସ୍ଥା ତାଙ୍କ ଜୀବିକାର ଏକମାତ୍ର ଉତ୍ସ, କିନ୍ତୁ ଦୁର୍ଭାଗ୍ୟବଶତଃ ଉତ୍ତରଦାତାମାନେ ଏହି ମାମଲାରେ ମାନବୀୟ ଦୃଷ୍ଟିକୋଣ ଗ୍ରହଣ କରିନାହାଁନ୍ତି ।

13. ବିଧବା, ଶାରୀରିକ ଅକ୍ଷମ ବ୍ୟକ୍ତି ଇତ୍ୟାଦିଙ୍କ ମାମଲାରେ ଆଇନକୁ ଅଧିକ ଉଦାରବାଦୀ ଦୃଷ୍ଟିକୋଣ ଗ୍ରହଣ କରିବା ଉଚିତ ।

14. ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ବିଜ୍ଞ ଏକକ ବିଚାରପତି ଏବଂ ଦୁଇଜଣିଆ ଖଣ୍ଡପୀଠଙ୍କ ଆକ୍ଷେପିତ ରାୟକୁ ଖାରଜ କରାଯାଇଛି । ବିତରଣକୁ ସମାପ୍ତ କରୁଥିବା 9.11.2009 ତାରିଖର ବିବାଦୀୟ ଆକ୍ଷେପିତ ଆଦେଶକୁ ମଧ୍ୟ ଖାରଜ କରାଯାଇଛି ଏବଂ ଉତ୍ତରଦାତାମାନଙ୍କୁ 15.2.2007ର ଚୁକ୍ତିନାମା ଅନୁଯାୟୀ ନିୟମିତ ଭାବରେ ଆବେଦନକାରୀଙ୍କୁ ଗ୍ୟାସ ସିଲିଣ୍ଡର ଯୋଗାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

15. ଅପିଲକୁ ଅନୁମତି ଦିଆଗଲା । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

K.K.T. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।